# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୨୬ ମାର୍ଚ୍ଚ ୨୦୨୬

----

[ମୁଖ୍ୟମନ୍ତ୍ରୀ - ଯୋଜନା ଓ ସଂଯୋଜନ - ସୂଚନା ଓ ଲୋକ ସମ୍ପର୍କ - ପରିବହନ - ବାଣିଜ୍ୟ - ଜଳ ସମ୍ପଦ - ଇସ୍ପାତ ଓ ଖଣି - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ରତ୍ନଚିରା ନଦୀକୁ ଜବର ଦଖଲ ମୁକ୍ତ

*571 **ଶ୍ରୀ ଆଶ୍ରିତ୍ ପଟ୍ଟନାୟକ (ପିପିଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପିପିଲି ଡେଲାଙ୍ଗ ଦେଇ ପ୍ରବାହିତ ଐତିହାସିକ ରତ୍ନଚିରା ନଦୀ ଏବେ ଲୋପ ପାଇବାକୁ ବସିଲାଣି, ଏହି ନଦୀ ଏବେ ଜବରଦଖଲକାରୀଙ୍କ କବଜାରେ, ଅନ୍ୟ ପକ୍ଷରେ କଳିକଡି ଦଳରେ ଏହି ନଦୀ ପୋତି ହୋଇ ଗଲାଣି, ଏହି ନଦୀ ପିପିଲିର ପ୍ରାୟ ୬୦ କିମି ଅତିକ୍ରମ କରି ଚିଲିକାରେ ମିଶିଛି, ଉକ୍ତ ନଦୀକୁ ଖନନ କରାଯାଇ ପୁନରୁଦ୍ଧାର ତଥା ବୋଟିଂ ଆଦି ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନେବେ କି ?

----

### Identify flood - prone villages

*572 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government is aware that several areas of Patkura Constituency in Kendrapara district face recurring floods and waterlogging every monsoon, causing damage to houses, crops and communication; (b) Whether any survey has been conducted to identify flood-prone villages and vulnerable

embankments in the constituency; and What permanent measures have been taken or proposed to mitigate the recurring flood problem ?

----

## ବାଲେଶ୍ୱର ଜିଲ୍ଲାରେ ଥିବା ବାଲିଘାଟ

*573 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ଅଦ୍ୟାବଧି କେତେଗୋଟି ବାଲି ଘାଟ ଅଛି, ଏବଂ କେଉଁ ଠାରେ ଅବସ୍ଥିତ, ତାହାର ଏକ ତାଲିକା ପ୍ରଦାନ କରିବେ କି, ବର୍ତ୍ତମାନ ସମୟରେ ଉକ୍ତ ବାଲିଘାଟ ଉପରେ GST ବାବଦରେ କେତେ ଟଙ୍କା ବକେୟା ରହିଥିବା ସତ୍ୟ କି, ଯଦି ଉତ୍ତର ହଁ ହୁଏ ତେବେ କେଉଁ କାରଣରୁ ବକେୟା GST ଆଦାୟ କରାଯାଉନାହିଁ ?

----

## ଉତ୍ତର ଓଡ଼ିଶା ବିକାଶ ପରିଷଦ ପାଇଁ ଅର୍ଥ ବ୍ୟବସ୍ଥା

*574 **ଶ୍ରୀ ଭାଦବ ହାଁସଦାଃ (ସାରସକଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଉତ୍ତର ଓଡ଼ିଶା ବିକାଶ ପରିଷଦ ପାଇଁ କେତେ ଅର୍ଥ ବ୍ୟବସ୍ଥା କରାଯାଇଛି; କେଉଁ ଜିଲ୍ଲାକୁ ପରିଷଦରେ ସାମିଲ କରାଯାଇଛି ?

----

## ଜାତୀୟ ଜଳପଥ - ୫ ମାଧ୍ୟମରେ

*575 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ସାମୁଦ୍ରିକ ବୋର୍ଡ କାର୍ଯ୍ୟକ୍ଷମ ହେବା ପରଠାରୁ ରାଜ୍ୟର ବାଣିଜ୍ୟିକ ରାଜସ୍ୱ ଆଦାୟ କ୍ଷେତ୍ରରେ କି ପ୍ରକାରର ଅଭିବୃଦ୍ଧି ପରିଲକ୍ଷିତ ହୋଇଛି; ଏହାର ବର୍ଷୱାରୀ ରାଜସ୍ୱ ବିବରଣୀ ପ୍ରଦାନ କରିବେ କି ; (କ) ଜାତୀୟ ଜଳପଥ-୫ ମାଧ୍ୟମରେ ବାଣିଜ୍ୟିକ କାରବାର ଆରମ୍ଭ କରିବା ପାଇଁ ସରକାର ବର୍ତ୍ତମାନ ସୁଦ୍ଧା 'କେଉଁ ସବୁ ପ୍ରାରମ୍ଭିକ ପଦକ୍ଷେପ ଗ୍ରହଣ କରିଛନ୍ତି; ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ବର୍ତ୍ତମାନ ସୁଦ୍ଧା କେତେ ପରିମାଣର ଆର୍ଥିକ ଅନୁଦାନ ମିଳିଛି ଏବଂ ଏଥିରୁ କେତେ ଅର୍ଥ ବ୍ୟୟ ହୋଇଛି?

----

## ପ୍ରତ୍ୟେକ ସ୍ଥାନରେ ସୂଚନା କେନ୍ଦ୍ର ସ୍ଥାପନ

*576 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ସ୍ଥାନରେ କେତେ ଗୋଟି ସୂଚନା କେନ୍ଦ୍ର କାର୍ଯ୍ୟକ୍ଷମ ଅଛି ଓ ଏହି ସୂଚନା କେନ୍ଦ୍ର ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ନିଷ୍ପତ୍ତି ଅଛି କି, ଯଦି ଅଛି, ତେବେ ବାକିଥିବା କେଉଁ କେଉଁ ଜିଲ୍ଲାମାନଙ୍କରେ ସୂଚନା କେନ୍ଦ୍ର ମାନ କେବେ ସୁଦ୍ଧା ପ୍ରତିଷ୍ଠା କରାଯିବ ?

----

## ଟ୍ରାଫିକ ବ୍ୟବସ୍ଥାର ଆଧୁନିକୀ କରଣ

***577 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୂତନ ମୋଟର ଯାନ ଆଇନ (MVA) କାର୍ଯ୍ୟକାରୀ ହେବା ପରଠାରୁ ରାଜ୍ୟରେ ଗାଡ଼ି ଚାଳକଙ୍କ ଠାରୁ ଗତ ଆର୍ଥିକ ବର୍ଷ ଏବଂ ଚଳିତ ଆର୍ଥିକ ବର୍ଷର ମାର୍ଚ୍ଚ ୨୫ ତାରିଖ ସୁଦ୍ଧା ମୋଟ କେତେ ପରିମାଣର ଜରିମାନା ଆଦାୟ ହୋଇଛି; ଏହାର ଆର୍ଥିକ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି; (କ) ଜରିମାନା ଅର୍ଥକୁ କେଉଁ କେଉଁ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଖର୍ଚ୍ଚ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି; ଚିହ୍ନଟ "ବ୍ଲାକ୍-ସ୍ପଟ୍" ଗୁଡ଼ିକର ସଂସ୍କାର ଏବଂ ଟ୍ରାଫିକ ଭିତ୍ତିଭୂମିର ଉନ୍ନତି କରଣ ପାଇଁ ଉକ୍ତ ପାଣ୍ଠିରୁ କେତେ ଅର୍ଥ ବ୍ୟୟ କରାଯାଇଛି ; ଏହାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି; (ଖ) ବିଭିନ୍ନ ଜାତୀୟ ଓ ରାଜ୍ୟ ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଅତ୍ୟାଧୁନିକ ବୈଷୟିକ ଉପକରଣ (ANPR Camera, Speed Sensors) କିଣିବା ବାବଦରେ କିଛି ଅର୍ଥ ଖର୍ଚ୍ଚ ହୋଇଛି କି?

----

## Embankment road ଟିର ବିକାଶ

***578 ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବୈତରଣୀ ନଦୀର Right embankment from Batto to Ranapur ବନ୍ୟା ନିୟନ୍ତ୍ରଣ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇଥିବା ସଙ୍ଗେ ସଙ୍ଗେ ଏହା Jajpur ଏବଂ Anandapur ମଧ୍ୟରେ ଏକ କମ ଦୂରତା ବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ରାସ୍ତା ସଂଯୋଗ ଅଟେ; ସରକାରଙ୍କ ଏ ଗୁରୁତ୍ୱପୂର୍ଣ୍ଣ embankment road ଟିର ବିକାଶ ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି ଏବଂ କେବେସୁଦ୍ଧା ଏ କାମ ଆରମ୍ଭ ହେବ ଓ ଏ ଅଞ୍ଚଳ ଆଶା ପୂରଣ ହେବ?

----

## ଭଦ୍ରକ ଜିଲ୍ଲାରେ Disaster Management Training & Response Centre ସ୍ଥାପନ

***579 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଉପକୂଳ ଅଞ୍ଚଳରେ ବନ୍ୟା, ଘୂର୍ଣ୍ଣିଝଡ଼ ଓ ଅନ୍ୟାନ୍ୟ ପ୍ରାକୃତିକ ବିପଦକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାରେ ଏକ Disaster Management Training & Response Centre ସ୍ଥାପନ କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା ରହିଛି କି, (ଖ) ଯଦି ଏପରି କୌଣସି ପ୍ରସ୍ତାବ ରହିଛି, ତେବେ ଉକ୍ତ କେନ୍ଦ୍ର ସ୍ଥାପନ ପାଇଁ କେଉଁ ସ୍ଥାନ ଚିହ୍ନଟ କରାଯାଇଛି ଏବଂ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବାକୁ ପ୍ରସ୍ତାବ ରହିଛି, ଉକ୍ତ କେନ୍ଦ୍ର ସ୍ଥାପିତ ହେଲେ ସ୍ଥାନୀୟ ସ୍ୱେଚ୍ଛାସେବୀ, ଯୁବକ ଓ ସରକାରୀ କର୍ମଚାରୀମାନଙ୍କୁ ବିପଦ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଦେବା ପାଇଁ କେଉଁ ବ୍ୟବସ୍ଥା କରାଯିବ?

----

## ଉଚ୍ଚମାନର ଲୁହାପଥର ଓ ମାଙ୍ଗାନିଜ୍ ପଥର ମୂଲ୍ୟକୁ ନିମ୍ନମାନର ଦର୍ଶାଇବା

***580 ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯୋଡା, କୋଇଲା ଓ ଯାଜପୁର ରୋଡ ମଣ୍ଡଳର ସୁକିନ୍ଦା ଅଞ୍ଚଳରେ ଉଚ୍ଚମାନର ଲୁହାପଥର ଓ ମାଙ୍ଗାନିଜ ପଥରର ମୂଲ୍ୟକୁ ନିମ୍ନମାନର ଦର୍ଶାଇ ରାଜ୍ୟ ସରକାର ପ୍ରାୟ 2 ବର୍ଷ ମଧ୍ୟରେ 4162 କୋଟିର ରାଜସ୍ୱ ହରାଇଥିବା ସମ୍ବନ୍ଧରେ C.A.G. ମାର୍ଚ୍ଚ 2022 ରିପୋର୍ଟରେ ଦର୍ଶାଇଥିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନରେ ଏଯାବତ୍ ବିଳମ୍ବ ହୋଇଥିବା ରାଜ୍ୟ ସରକାରଙ୍କର ନଜିରରେ ଥିବା ସତ୍ୟ ଅଟେ କି, ଉତ୍ତର ହଁ, ହେଲେ ଏଦିଗରେ କି କି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ମାନ ଗ୍ରହଣ କରାଯିବ ?

----

## Funds Parked for CGF

***581 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) The amount of funds parked so far under the Critical Grant Fund (CGF) in each district of the State for utilisation through the District Planning Board, indicating district-wise and year-wise details; the reasons for non-utilisation or delay in utilisation of such funds in different districts ?

----

## ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପ ସମ୍ପର୍କରେ

***582 ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) Subarnarekha Port ପାଇଁ କେବେ ଓ କେତେ ପରିମାଣରେ ଜମି ହସ୍ତାନ୍ତର କରାଯାଇଛି ; (ଖ) ଏହି ବନ୍ଦର ପ୍ରକଳ୍ପର କମେନ୍ସମେଣ୍ଟ (କାର୍ଯ୍ୟ ଆରମ୍ଭ) କେବେ, ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କାର୍ଯ୍ୟର ଅଗ୍ରଗତି କେତେ ପ୍ରତିଶତ ହୋଇଛି ଏବଂ କନସେସନ୍ ଏଗ୍ରୀମେଣ୍ଟ ଅନୁଯାୟୀ ଏହି ବନ୍ଦର ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟ କେବେ ସମାପ୍ତ ହେବ ବୋଲି ସରକାର ନିର୍ଦ୍ଧାରଣ କରିଛନ୍ତି କି?

----

## ଉତ୍କଳ ପ୍ରସଙ୍ଗ ଓ ଇଂରାଜୀ ପତ୍ରିକା Odisha Review ର ପାଠକ ସଂଖ୍ୟା ବୃଦ୍ଧି

***583 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଓଡ଼ିଆ ମାସିକ ପତ୍ରିକା "ଉତ୍କଳ ପ୍ରସଙ୍ଗ" ଓ ଇଂରାଜୀ ପତ୍ରିକା "Odisha Review" ର ପାଠକ ସଂଖ୍ୟା ବୃଦ୍ଧି, ପ୍ରଚାର ପ୍ରସାର ଓ ଉପଲବ୍ଧତା ବଢ଼ାଇବା ପାଇଁ ସରକାର କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ପ୍ରତିବର୍ଷ ଏହି ଦୁଇଟି ପତ୍ରିକା କେତେ ସଂଖ୍ୟାରେ ମୁଦ୍ରଣ କରାଯାଉଛି ; (ଖ) ମୁଦ୍ରିତ ପତ୍ରିକାମାନଙ୍କ ମଧ୍ୟରୁ କେତେ ସଂଖ୍ୟା ରିଆତି ମୂଲ୍ୟରେ ବିକ୍ରୟ କରାଯାଇଛି ଏବଂ କେତେଟି ମାଗଣା ବଣ୍ଟନ କରାଯାଉଛି, ଏହି ଦୁଇଟି ପତ୍ରିକା ପ୍ରକାଶନ ଓ ପ୍ରଚାର ପାଇଁ ପ୍ରତିବର୍ଷ ସରକାର କେତେ ଅର୍ଥ ବ୍ୟୟ କରୁଛନ୍ତି, ନୂତନ ସରକାର ଗଠନ ପରେ ୨୦୨୪ ମସିହାରୁ ଏପର୍ଯ୍ୟନ୍ତ "ଉତ୍କଳ ପ୍ରସଙ୍ଗ" ଓ "Odisha Review" ପତ୍ରିକା କେତେ ସଂଖ୍ୟାରେ ମୁଦ୍ରଣ ହୋଇଛି ଏ

----

## Odisha Yatri ଗାଡି ସେବା ସମ୍ପର୍କରେ

***584 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ଯାତ୍ରୀ, Ola App ମାଧ୍ୟମରେ ଅଟୋ/କ୍ୟାବ୍ ବୁକ୍ କରିଲେ ISBT ବରମୁଣ୍ଡା ମୁଖ୍ୟ ପ୍ରବେଶ ଦ୍ୱାରକୁ ଗାଡ଼ି ନ ଆସିବା (ଅନ୍ୟ ଅଟୋ ଚାଳକମାନେ ନ ଛାଡ଼ିବା ବା ହଇରାଣ କରିବା) କଥା ସତ୍ୟ କି, ଓଡ଼ିଶା ଯାତ୍ରୀଙ୍କୁ ଅଟୋ/କ୍ୟାବ୍ ନ ଆସିବା ଯୋଗୁଁ ଜନସାଧାରଣଙ୍କ ଠାରୁ ଦୁଇରୁ ତିନିଗୁଣା ଅଧିକ ଭଡ଼ା ଦେବାକୁ ବାଧ୍ୟ ହେଉଛନ୍ତି, ISBT ପରିଚାଳନା ଚୁପ୍ ରହିବାର କାରଣ କଣ, ଏହିଦିଗରେ କେବେ ସୁଦ୍ଧା ଉଚିତ କାର୍ଯ୍ୟାନୁଷ୍ଠାନ ହେବ ?

----

## କେନାଲ ଅଞ୍ଚଳରେ ଜଳସେଚନ

***585 ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଋଷିକୂଲ୍ୟା ନଦୀର ଅନ୍ତରୀ ଗାଁଠାରେ ପ୍ରସ୍ତାବିତ ଆନିକଟ ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ କେବେ ଶେଷ ହେବାର ଅଛି ; ସେଥିରେ ଜୟ ମଙ୍ଗଳ କେନାଲକୁ ଜଳ ଯୋଗାଣ ବ୍ୟବସ୍ଥା ରହିଅଛି କି ; ଯଦି ନାହିଁ, ତେବେ ଅନ୍ତର୍ଭୁକ୍ତ କରିବେ କି?

----

## ଖାଲିପଡିଥିବା Amina/ARI ପଦବୀ

***586 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ ରାଜସ୍ୱ ବିଭାଗ ଅଧିନରେ ଥିବା ସମସ୍ତ କାର୍ଯ୍ୟାଳୟରେ Amina/ARI/Junior Revenue Assistant ଏବଂ Group-D କର୍ମଚାରୀ ଯଥା (ପିଅନ/ଚେନମ୍ୟାନ୍/ପ୍ରୋସେସ ସର୍ଭର) ପଦବୀ ସଂଖ୍ୟା କେତେ, ତନ୍ମଧ୍ୟରୁ ଏଯାବତ୍ ଖାଲି ପଡିଥିବା ପଦବୀ ସଂଖ୍ୟା କେତେ, ସରକାରଙ୍କ ଦ୍ୱାରା ପ୍ରତ୍ୟେକ ବର୍ଷ ବିଭାଗୀୟ ପଦୋନ୍ନତି ଦେବାର ପ୍ରାବଧାନ ଥିଲେ ମଧ୍ୟ 10 ବର୍ଷରୁ ଉର୍ଦ୍ଧ୍ୱ ଚାକିରି କାଳ, ଶିକ୍ଷାଗତ ଯୋଗ୍ୟତା ଥାଇ ସୁଦ୍ଧା ଏପର୍ଯ୍ୟନ୍ତ Group-D କର୍ମଚାରୀମାନଙ୍କୁ Group-C ରେ ପ୍ରତ୍ୟେକ ବର୍ଷ ପଦୋନ୍ନତି ଦିଆଯାଉନଥିବାର କାରଣ କଣ ?

----

## ରାଜ୍ୟରେ ଥିବା ଚୁନପଥର ଖଣି

***587 ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ସ୍ଥାନରେ ଚୁନପଥର ଉପଲବଧ ଅଛି ଓ ଏହାର ଖନନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## DMF ପାଣ୍ଠି ବିନିଯୋଗ

***588 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ଅଦ୍ୟାବଧି କେତେ DFM ଅର୍ଥ ଗଛିତ ହୋଇ ରହିଛି, ଚଳିତ ବର୍ଷ କେଉଁ ଉତ୍ସରୁ କେତେ D F M collection ହୋଇଛି, ଅଦ୍ୟାବଧି DFM ପାଣ୍ଠି ବିନିଯୋଗ ବା ଖର୍ଚ୍ଚ ନହେବାର କାରଣ କଣ, ଜିଲ୍ଲା DMF ବୋର୍ଡ଼ constitute ହୋଇଛି କି, ଯଦି ହୋଇ ନାହିଁ ବିଳମ୍ବ ହେବାର କାରଣ କଣ ଏବଂ କେବେ ସୁଦ୍ଧା ଜିଲ୍ଲା DMF ପାଣ୍ଠି ବିନିଯୋଗ ହେବ ?

----

## RTI Applications related to Govt. Communication

*589 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- How many Right to Information (RTI) applications related to government communication or publicity were received and disposed of in 2025-26, and how many appeals remain pending ?

----

## Improvement of Passenger Amenities

*590 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government is aware that Naraj Marthapur Railway Station in Cuttack district remains underutilized despite its proximity to Cuttack city and important Tourist locations such as the Naraj Barrage and nearby Eco-Tourism sites; (b) the number of local/MEMU trains and express trains presently halting at the station; Whether the State Government has taken up the matter with the Ministry of Railways for increasing train stoppages and improving passenger amenities; and the steps proposed to develop the station as a transit point for Tourists and daily commuters?

----

## ଆଇଓ ଘାଇର ଭିତ୍ତିଭୂମିର ବିକାଶ

*591 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକର ପସରା ଗ୍ରାମ ପଞ୍ଚାୟତରେ ଥିବା ଆଇଓ ଘାଇଟି ପ୍ରାୟ ୩ ଏକର ବିଶିଷ୍ଟ ଏକ ଜଳଭଣ୍ଡାର, ଏହି ଘାଇର ଭିତ୍ତିଭୂମିର ବିକାଶ କରାଗଲେ ପ୍ରାୟ ୩୦୦ରୁ ୪୦୦ ଏକର ଚାଷ ଜମିକୁ ଜଳସେଚନ କରାଯାଇ ପାରିବ, ପସରା ଗ୍ରାମ ପଞ୍ଚାୟତର ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଘାଇର ଭିତ୍ତିଭୂମିର ବିକାଶ କରି ଜଳ ସେଚନ ବ୍ୟବସ୍ଥା କରିବା ପାଇଁ କିଛି ପଦକ୍ଷେପ ଗ୍ରହଣ କରିବେ କି ?

----

## ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

*592 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶା ଗୋଟିଏ ବନ୍ୟା ଓ ବାତ୍ୟା ପ୍ରବଣ ରାଜ୍ୟ ଏବଂ ଏହାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକ ପ୍ରତିବର୍ଷ ବନ୍ୟା ଓ ବାତ୍ୟା ଫଳରେ ପ୍ରାୟ affected ହେଉଥିବା କାରଣରୁ ସରକାରଙ୍କ ତରଫରୁ ବିଭିନ୍ନ ଜିଲ୍ଲାରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି ; 2024-25 ଏବଂ 2025-26 ଆର୍ଥିକ ବର୍ଷରେ ସରକାର କେଉଁ ଜିଲ୍ଲାରେ କେତୋଟି ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି ଏବଂ ଏ ବାବଦରେ କେତେ ଅର୍ଥ ମଂଜୁର କରିଛନ୍ତି?

----

## ଲଘୁ ଖଣିଜ ପଦାର୍ଥକୁ ରୟାଲିଟି ଆଦାୟ

*593 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ଓ ବୋଲଗଡ ବ୍ଲକ ଅଞ୍ଚଳକୁ ଲଘୁ ଖଣିଜ ଉତ୍ତୋଳନ ହେଉଥିବା ଲଘୁ ଖଣିଜ ପଦାର୍ଥ ବାବଦକୁ ଜିଲ୍ଲା ସ୍ତରୀୟ ରୟାଲିଟି, ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବାବଦରେ ବେବହାର କରାଇବାକୁ ପଦକ୍ଷେପ ନିଆଯିବକି, ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଗତ ତିନି ବର୍ଷରେ କେଉଁ କେଉଁ ଖଣିରୁ ଲିଜବାବଦରେ କେତେ ରାଜସ୍ୱ ଆଦାୟ ହୋଇଛି ଓ କେତେ ଅନାଦୟ ଅଛି, ସମସ୍ତ ଖଣିରୁ ରାଜସ୍ୱ ଆଦାୟ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଓ ଆହତ ସଂଖ୍ୟା

*594 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସଡକ ଦୁର୍ଘଟଣା ରୋକିବାପାଇଁ ରାଜ୍ୟ ସରକାର ଆଇଆଇଟି ମାଡ୍ରାସ ସହିତ କେବେ ରାଜିନାମା କରିଥିଲେ ଓ ରାଜିନାମା ଅନୁଯାୟୀ ଉକ୍ତ ସଂସ୍ଥାକୁ ବାର୍ଷିକ କେତେ ଟଙ୍କା ପ୍ରଦାନ କରୁଛନ୍ତି ; ଆଇଆଇଟି ମାଡ୍ରାସ ସହିତ ରାଜିନାମା ସମୟରେ ରାଜ୍ୟରେ ଦୈନିକ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ଓ ଆହତ ସଂଖ୍ୟା କେତେ ଥିଲା ଓ ବର୍ତ୍ତମାନ କେତେ ରହିଛି ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ଖଇରପୁଟ ଓ ମାଥିଲି ବ୍ଲକରେ ଜମିକୁ ଜଳସେଚନ

*595 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଖଇରପୁଟ ଓ ମାଥିଲି ବ୍ଲକ୍‌ରେ ଗ୍ରାମପଞ୍ଚାୟତ ଅନୁସାରେ କେତେ ଜମି ଜଳସେଚିତ, ତଥ୍ୟ ପ୍ରଦାନ କରିବେ କି, ଆସନ୍ତା ଦୁଇ ବର୍ଷରେ କେତେ ଜମିକୁ ଜଳସେଚନ ଅଧୀନରେ ଆଣିବାର ଯୋଜନା ରହିଛି, ବର୍ଷ / ଗ୍ରାମପଞ୍ଚାୟତ ଅନୁସାରେ ତଥ୍ୟ ପ୍ରଦାନ କରିବେ କି, ୧୦୦% ଚାଷ ଜମିକୁ ଜଳସେଚିତ କରିବା ଦିଗରେ କେଉଁ ପ୍ରତିବନ୍ଧକ ରହିଛି, ଏହି ଦୁଇ ବ୍ଲକ୍‌ରେ ଜଳସେଚନ ସମ୍ବନ୍ଧୀୟ କେନ୍ଦ୍ର ସରକାରଙ୍କ କେଉଁ ଯୋଜନା କେବେଠୁ କାର୍ଯ୍ୟକାରୀ ହୋଇଛି ଓ କେତେ ସଫଳତା ମିଳିଛି ?

----

## ଗୃହହୀନ ବ୍ୟକ୍ତିଙ୍କୁ ବାସପଯୋଗୀ ଜମି ଯୋଗାଇବା

***596 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଟଣୀ ନିର୍ବାଚନ ମଣ୍ଡଳୀର ଗ୍ରାମଗୁଡିକ ଜଙ୍ଗଲ ପାର୍ଶ୍ୱରେ ଅବସ୍ଥିତ ଥିବାବେଳେ ରାଜଧାନୀ ପରିସର ବୃଦ୍ଧି ବେଳେ ଦାରୁଠେଙ୍ଗ, ଚନ୍ଦକା, ଅନ୍ଧାରୁଆ, କଣ୍ଟାବାଡ, ମଳିପଡା, ମେଣ୍ଢାଶାଳ ଆଦି ଗ୍ରାମ ପଞ୍ଚାୟତରେ ଲୋକଙ୍କ ପରିବାର ସଂଖ୍ୟା ବୃଦ୍ଧି ହୋଇ ବହୁ ପରିବାର ଗୃହହୀନ ହୋଇଥିବା ବେଳେ ଏହି ପରିବାରମାନଙ୍କୁ ବାସୋପଯୋଗୀ ଜମି ଯୋଗାଇଦେବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ପ୍ରକାଶ କରି ପୁରୁଷାନୁକ୍ରମେ ଥିବା ସ୍ଥାନୀୟ ଅଧିବାସୀଙ୍କ ପାଇଁ ବାସୋପଯୋଗୀ ଜମି ବନ୍ଦୋବସ୍ତ କରି ପରବର୍ତ୍ତୀ ଅବସ୍ଥାରେ ବଳକା ଜମିକୁ ସରକାରୀ ଯୋଜନା ପାଇଁ ଆବଣ୍ଟନ କରିବାକୁ ବ୍ୟବସ୍ଥା କରିବେ କି?

----

## ନୂତନ ଖଣିଜ ପଦାର୍ଥର ସନ୍ଧାନ

***597 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କୌଣସି ନୂଆ ଖଣିଜ ପଦାର୍ଥର ସନ୍ଧାନ ହୋଇଛି ଓ କୌଣସି ନୂଆ ଖଣି ଠାବ କରାଗଲାଣି କି, ଏବଂ ଏଥିସହ ସମ୍ପ୍ରତି ସମୁଦ୍ର ଗର୍ଭରୁ ଓ ଜଳସ୍ତର ଭିତରୁ ଖଣିଜ ପଦାର୍ଥର ଅନୁସନ୍ଧାନ ପାଇଁ ପଦକ୍ଷେପ ନିଆଯାଉଥିବାରୁ ଓଡିଶାର ସେ ଦିଗରେ କିଛି ପଦକ୍ଷେପ ନିଆଯାଇ ସୁଫଳ ମିଳିଲାଣି କି ?

----

## ଚାଷ ଜମିକୁ ଜଳସେଚନ ନହୋଇ ପ୍ରଭାବିତ

***598 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ କେଉଁ ଶିଳ୍ପ ସଂସ୍ଥା ଗୁଡିକୁ କେତେ ପରିମାଣର ଜଳ ରାଜ୍ୟ ସରକାର ଯୋଗାଉଛନ୍ତି ; ଏହାର ଏକ ତାଲିକା ପ୍ରଦାନ କରିବେ କି ; ଶିଳ୍ପ ସଂସ୍ଥାକୁ ଜଳ ଯୋଗାଣ ଯୋଗୁଁ ଚାଷ ଜମି ଗୁଡିକରେ ଜଳ ସେଚନ ପ୍ରଭାବିତ ହେଉଛି କି ; ଉତ୍ତର ଯଦି ହଁ ହୁଏ ତେବେ ବାର୍ଷିକ କେତେ ପରିମାଣ ଚାଷ ଜମି ପ୍ରଭାବିତ ହେଉଛି?

----

## ରାଜସ୍ୱ ଆଦାୟ ବୃଦ୍ଧି ପାଇଁ ପଦକ୍ଷେପ

***599    ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ରାଜ୍ୟର କେଉଁ ଜିଲ୍ଲାରେ କେତେ ଭୂରାଜସ୍ୱ ଆଦାୟ ହୋଇଛି, ତାହାର ସଫଳତା ହାର କେତେ ଶତାଂଶ ପ୍ରକାଶ କରି ରାଜସ୍ୱ ଆଦାୟ ବୃଦ୍ଧି ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଖଣିରୁ ରାଜସ୍ୱ ଆଦାୟ

***600    ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୨୪-୨୫ ଓ ଚଳିତ ବର୍ଷ କେଉଁ ଖଣିରୁ କେତେ ରାଜସ୍ୱ ସରକାର ପାଇଛନ୍ତି, ଲକ୍ଷ୍ୟ ଧାର୍ଯ୍ୟ ତୁଳନାରେ ତାହା କମ୍ ନା ବେଶୀ, ଶତକଡା କେତେ ଶତାଂଶ ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----